ଶ୍ରୀ ମତୀ ଅନ୍ନପୂର୍ଣ୍ଣା ଶ୍ରୀ ସତ୍ୟବାଦୀ ଜ୍ୟେଷ୍ଠା ଓ
ଶ୍ରୀ ମୁକ୍ତିକର୍ଣ୍ଣଧବଳା କନିଷ୍ଠା । ଢ । ବଳରାମପୁର
ସ୍ୱଜନମାନଙ୍କ ସାହାଯ୍ୟ ଦ୍ୱାରା
ପ୍ରଥମବାର ମୁଦ୍ରିତ ।

ସରଣି ମାଳା ।

ଶ୍ରୀ ଚନ୍ଦ୍ରମଣି ପଟ୍ଟନାୟକଙ୍କ ଦ୍ୱାରା
ପ୍ରକାଶିତ ।

ସନ ୧୩୩୭ ସାଲ ।

ସୂଚୀ ।

ବିଷୟ ।	ପୃଷ୍ଠା ।
ନିବେଦନ	/
ଶ୍ରୀ ସରସ୍ୱତୀଙ୍କ ଜଣାଣ	୧
ତଲରାମପୁର ରାଜପୁରୁଷଙ୍କ ନାମ	୪
ସ୍ୱର୍ଗୀୟ ରାଜା ଦାଶରଥିଙ୍କ ଜୀବନୀପଦ୍ୟ ···	୮

ନିବେଦନ ।

ଏହି ଅଧୀନ ନିବେଦକ ଶ୍ରୀ ଚିନ୍ତାମଣି ପଟ୍ଟନାୟକ କଟକ, ଜିଲ୍ଲା ଯାଜପୁର ସ: ଡି: ଅନ୍ତର୍ଗତ ଧର୍ମଶାଳା ଥାନାରେ ପ୍ର । ଓଲାସ । ସା । ନରସିଂହପୁର ନିବାସୀ ଓ ସାବକ ଓଲାସ ଜମିଦାର କାନଗୋଇ ବଂଶଜ ଅଟେ । ଏ ଅଧୀନର ପୂର୍ବପୁରୁଷ ପ୍ରଧାନ ଜମିଦାରଙ୍କ ଅପାର-ଗତାରୁ ଉକ୍ତ ବୃହତ୍ ଜମିଦାରି ଓଲାସ ମହାଲ ହସ୍ତାନ୍ତର ହୋଇଯିବା ହେତୁ ସେହି ବଂଶଜ ସମସ୍ତେ ନାନା ଉପାୟକୁ ଅବଲମ୍ବନ କରି ଚଳୁ-ଅଛନ୍ତି, ଯାହାଙ୍କ ବର୍ଣ୍ଣନା ବାହୁଲ୍ୟ ଅଟେ । ଯଦ୍ୟପି କରଣ ଜାତି ପଦ କାଶ୍ୟପଗୋତ୍ର ଓ ଗୁପ୍ତଉଚ୍ଚାରଣ ଅସ୍ମମାନଙ୍କର ମର୍ଯ୍ୟାଦା ପ୍ରସିଦ୍ଧ । ଅଧୀନ ୧୨ମତରେ ବ ୧୯ ବର୍ଷ ବୟଃକ୍ରମରେ । ଢ । ବଲରାମପୁର ସ୍ୱର୍ଗୀୟ ନରପତି ବ୍ରଜବିହାରୀ ଧୀର ବୀରବର ହରିଚନ୍ଦନଙ୍କ ରାଜତ୍ୱ ସମୟରେ ତାଙ୍କ ଅଧୀନସ୍ଥ ଅତ୍ର ବଲରାମପୁର ଷ୍ଟେଟରେ ଚାକିରି କରି ଅବଧି ବା ୬୧ ବର୍ଷ ବୟଃକ୍ରମ ଭୋଗ ପର୍ଯ୍ୟନ୍ତ ନିଯୁକ୍ତ ଅଛି । ଏ ରାଜବଂଶ ପ୍ରଥମ ପଶ୍ଚିମ ଜୟପୁର ରାଜବଂଶୀୟ ସୂର୍ଯ୍ୟବଂଶୀୟ ଅଟନ୍ତି । ଉପରୋକ୍ତ ବ୍ରଜ-ବିହାରୀ ରାଜାଙ୍କ ବିୟୋଗ ପରେ ତାଙ୍କର କନିଷ୍ଠ ଭ୍ରାତା ସ୍ୱର୍ଗୀୟ ରାଜା ଦାଶରଥି ଧୀର ବୀରବର ହରିଚନ୍ଦନ ମହାପାତ୍ର ସନ ୧୩୩୨ ସାଲ କାର୍ତ୍ତିକ ମାସରେ ପରଲୋକ ପ୍ରାପ୍ତ ହେବାରୁ ତାଙ୍କର ଜ୍ୟେଷ୍ଠପୁତ୍ର ଶ୍ରୀଲକ୍ଷ୍ମୀ ନାରାୟଣ ପୂର୍ଣ୍ଣଚନ୍ଦ୍ର ଧୀର ବୀରବର ହରିଚନ୍ଦନ ରାଜଶ୍ରୀ ପ୍ରାପ୍ତ ହୋଇ ଉତ୍ତରାଧିକାରୀ ସୂତ୍ରେ ସମ୍ପୂର୍ଣ୍ଣ ସତ୍ତ୍ୱବାନ ହୋଇ ଗାଦିରେ ବସି ଶୋଭା ଅଛନ୍ତି । ଏ ରାଜବଂଶ ପ୍ରସିଦ୍ଧ ଯଶସ୍ୱୀ ଥିବା ସ୍ଥଳେ, ପୂର୍ବ ରାଜା-ମାନଙ୍କ ଦୂରଦର୍ଶିପଣ ଦେଖି ଓ ନିଜ ଦୁର୍ଗର ବିପଦସଙ୍କୁଳ ସ୍ଥାନ

ପର୍ବତ ଉପରେ ଥିବାରୁ, ମହାମାନ୍ୟବର ଦୟାମୟ ଭାରତେଶ୍ୱର ଶ୍ରୀ ଶ୍ରୀ ଇଂରାଜ ଗବର୍ଣ୍ଣମେଣ୍ଟଙ୍କଠାରୁ କୃପାବଶତଃ ଖଡ୍ଗଶସ୍ତ୍ର ଅସ୍ତ୍ର ଶସ୍ତ୍ର ବ୍ୟବହାର କରିବାକୁ ପୂର୍ବରୁ ଛାଡ଼ ପାଇଥିବାର ସନନ୍ଦ ହାସଲ କରାଯାଇ ଅଛି ଅର୍ଥାତ୍ ବିନା ଲାଇସେନ୍ସରେ ଉକ୍ତ ଅସ୍ତ୍ର ଶସ୍ତ୍ର ବ୍ୟବହାର କରି ପାରିବେ । ଏ ରାଜବଂଶରେ ପୂର୍ବରୁ ଗଡ଼ଜାତ ରାଜାମାନଙ୍କ ସହିତ ଓ ଦକ୍ଷିଣ ଗଞ୍ଜାମ ଜିଲ୍ଲାର ପ୍ରଧାନ ପ୍ରଧାନ ରାଜାମାନଙ୍କ ସହିତ ବନ୍ଧୁତା ସମ୍ପର୍କ ଚଳିଥିଲା ବର୍ତ୍ତମାନ ମଧ୍ୟ ଚଳୁଅଛି । ଏ ପର୍ଯ୍ୟନ୍ତ ଏହି ବଲରାମପୁର ରାଜବଂଶରେ ଯେ କି ରାଜା ତାର ବଡ଼ପୁତ୍ର ରାଜା ହେବ, ଅପର ପୁତ୍ରମାନେ କିମ୍ବା ଅପର ଭାଇମାନେ ଖୋରାକ ପୋଷାକ ପାଇବା ପଦ୍ଧତି ଥିବା ପ୍ରକାଶ୍ୟରୂପେ ଚଳୁଅଛି । କୌଣସି ଖୋରାକ ପୋଷକା ଭୋଗୀ ନିରଂଶ ହେଲେ ତାହାର ଭୋଗକୃତ ଭୂସମ୍ପତ୍ତି ରାଜାଙ୍କ ହସ୍ତଗତ ଥାଏ, ପୁଣି କେହି ଖୋଃ ପୋଃ ହାର ଖଞ୍ଜାପାଇବା ପ୍ରୟୋଜନ ହେଲେ ସେହି ନିରଂଶ ବା ପଳାତକ ଭୂମିକୁ ନୂତନ ବ୍ୟକ୍ତିଙ୍କ ଖୋଃ ପୋଃ ସ୍ୱରୂପେ ତାଙ୍କୁ ଦିଆଯାଏ । ରାଜାଙ୍କର ଯେତେ ରାଣୀଥିବେ ତହିଁମଧ୍ୟରେ ୧ମ ରାଣୀ ପାଟରାଣୀ ବା ପଟ୍ଟମହିଷୀ ପଦବାଚ୍ୟ ଓ ଅପର ରାଣୀମାନେ ମହାଦେଈ ପଦେ ପ୍ରଚଳିତ ହୁଅନ୍ତି । ବଡ ପୁଅ ରାଜା, ସାନ ପୁତ୍ର ପାଟଣାଏତ ବୋଲି ପ୍ରତିଷ୍ଠିତ ହୁଅନ୍ତି । ଏ ରାଜବଂଶରେ ପୁଷ୍ୟାଭିଷେକ ଅର୍ଥାତ୍ ରାଜା ଓ ଜ୍ୟେଷ୍ଠା ପଟ୍ଟମହିଷୀ ଏକତ୍ରେ ପ୍ରତିବର୍ଷ ମୂର୍ଦ୍ଧାଭିଷେକ ହୁଅନ୍ତି । ଶ୍ରୀ ଦୁର୍ଗାପୂଜା ପ୍ରଧାନ ଇଷ୍ଟ ଧର୍ମରେ ଶାରଦୀୟ ପର୍ବପୂଜା ଜାଗ ବିଧିମତେ ନିର୍ବାହ କରନ୍ତି, ମହାପଣ୍ଡ ଓ ପଶୁ ବଳିଦାନାଦି ଶାସ୍ତ୍ର ବିଧିମତେ କରନ୍ତି । ଏ ରାଜବଂଶର କୌଶିକଗୋତ୍ର ବିଶ୍ୱାମିତ୍ର ଅଘମର୍ଷଣ ପ୍ରବର ଅଟେ । ଏ ରାଜବଂଶ ପ୍ରଥମେ ଜୟପୁର ରାଜଗତ କ୍ଷତ୍ରିୟ ଅଟନ୍ତି, ଏହାଙ୍କର ସିଂହଧ୍ୱଜାଥିଲା । ପ୍ରାଚୀନକାଳରେ ତୀର୍ଥାଟନରେ ଆସିବା ଉପଲକ୍ଷେ ପ୍ରବଳପ୍ରତାପ ଓଡ଼ିଶା ରାଜା କେଶରୀ ବଂଶୀୟ ଯଯାତିକେଶ

ସାଙ୍କ ସଙ୍ଗେ ସାକ୍ଷାତ୍ କରି ଯନ୍ତ୍ରିୟ ବିଦ୍ୟା ଦେଖାଇ ଓଡ଼ିଶା ରାଜାଙ୍କଠାରୁ ଧୀର ସଙ୍କୀର୍ତ୍ତ ବଳରାମପୁର ରାଜ୍ୟଲାଭ କରି ଏହି କଷ୍ଟାରେ ଅଧିପତି ହୋଇଥିଲେ । ଏହାଙ୍କର ବିସ୍ତାରିତ ବିବରଣ ଓ ମାନ ମର୍ଯ୍ୟାଦା ଗଡ଼-ଜାତୀୟ ରାଜାମାନଙ୍କ ସହିତ ସମାନ ଅଟେ । ରାଜାମାନଙ୍କର କ୍ରମିକନାମ ପୃଥକରେ ଲିଖିତ ହୋଇଅଛି । ଅଧୀନ ଏହି ବଳରାମପୁରରେ ଅବଧିଷ୍ଟେଟ ସିଳସ୍ତାଦାତ କାର୍ଯ୍ୟରେ ଅଛି ଏକାଦିକ୍ରମେ ପ୍ରାୟ ୪୦ । ୪୧ ବର୍ଷନିଯୁକ୍ତ ଅଛି । ଏତେ ବର୍ଷ ମଧ୍ୟରେ ଷ୍ଟେଟରେ ଯେତେକାର୍ଯ୍ୟ କରିଅଛି ତହିଁ ମଧ୍ୟରେ ପର୍ବତ ଉପରକୁ ସଡ଼କ ରାସ୍ତା ଏବଂ ବଳରାମପୁର ରାଜକନ୍ୟା ଯେ କି ଆଠଗଡ଼ ରାଜା ବାହାଦୁର ସ୍ୱର୍ଗୀୟ ବିଶ୍ୱନାଥ ରାଜାସାହେବଙ୍କ ଶ୍ରୀମତୀ ରାଧାପ୍ରିୟା ପଟ୍ଟମହିଷୀ ବର୍ତ୍ତ-ମାନ ଜ୍ୟେଷ୍ଠା ରାଜମାତା । କି । ଆଠଗଡ଼ ଅଟନ୍ତି ତାଙ୍କ ପ୍ରଦତ୍ତ ବହୁଅର୍ଥ ଦ୍ୱାରା ବଳରାମପୁର ନିଜଗଡ଼ସ୍ଥ ପର୍ବତଉପରେ ଶ୍ରୀ ଜଗନ୍ନାଥଙ୍କ ବଡ଼ରେଖା ଦେଉଳ ଓ ଚତୁଃପାର୍ଶ୍ୱ ବେଢ଼ାକୁ ଶ୍ରୀ ଜଗନ୍ନାଥଙ୍କ କୃପାବଳସଂଯୋଗେ କରାଇଥିବା ଏବଂ ସ୍ୱର୍ଗୀୟ ରାଜା ଦାସରଥି ଧୀର ବୀରବର ହରିଚନ୍ଦନଙ୍କ ନିର୍ଦ୍ଦେଶ ଓ ଅର୍ଥଦ୍ୱାରା ପୂର୍ବେ ଏକମୂର୍ତ୍ତି ଜଗ-ନ୍ନାଥ ଥିଲେ ଗତ ନବକଳେବରବର୍ଷରେ ତିନମୂର୍ତ୍ତି ଶ୍ରୀ ଦାରୁବ୍ରହ୍ମ ନିର୍ମାଣ କରାଇବା ପ୍ରଧାନକାର୍ଯ୍ୟ ଅଟେ । ଏହି ତିନମୂର୍ତ୍ତିର ନୂତନ ନିର୍ମାଣ ବିଷୟ ଆଗେ ଦାଶରଥିଙ୍କୁ ସ୍ୱପ୍ନଦେହଲାପରେ, ଯଥାବିଧିରେ କବାଟବନ୍ଧ ଗ୍ରାମସ୍ଥ ଜେନିମା ନାମକ ଏକ ସ୍ତ୍ରୀଲୋକ ବାଡ଼ିରେ ଅତି ପ୍ରାଚୀନକାଳରୁ ଥିବା ନିମ୍ବବୃକ୍ଷ ଛେଦନ-ପୂଜାବେଳେ, ବହୁଦର୍ଶକ ରାଜାଙ୍କ ସମ୍ମୁଖରେ, ଉକ୍ତ ବୃକ୍ଷର କାଣ୍ଡଦେଶରୁ ଏକ କୃଷ୍ଣବର୍ଣ୍ଣ ଧାମ୍ବଣସର୍ପ ଅତି ଚମତ୍କାର ଭାବେ ବାହାରିବାରୁ ସେହି ଅଂଶରେ ଶ୍ରୀ ବଳଦେବମୂର୍ତ୍ତି ହୋଇ ଅଛନ୍ତି । ଉପରଭାଗ ଶ୍ରୀ ଜଗନ୍ନାଥ ଶ୍ରୀ ସୁଭଦ୍ରା ହୋଇଅଛନ୍ତି । ସେହି ବୃକ୍ଷର ଶେଷଅଂଶରେ ପତିତପାବନ ମୂର୍ତ୍ତି ପ୍ରସ୍ତୁତ ହୋଇଥିଲା । ସନ ୧୩୩୦ ସାଲ ଦେଉଳ ପ୍ରତିଷ୍ଠାସହିତ ପ୍ରତିଷ୍ଠିତ କରାଯାଇଥିବା ଶ୍ରୀ ପତିତ-

ପାବନ ମୂର୍ତ୍ତି ଦେଉଳ ଅଗେ ବର୍ତ୍ତମାନଥିବା ପ୍ରସିଦ୍ଧ ଅଛେ । ଉପରୋକ୍ତ ରାଜା ଦାଶରଥି ଏ ରାଜବଂଶର ପୁ ୪୩ ରୁଷ ରାଜଗୀ ଭ୧୬ ଭୋଗ ଓ ରାଜତ୍ବକଲେ । ସନ ୧୩୩୨ କାର୍ତ୍ତିକ ଦ ୭ ନ ବୁଧବାର ନବମୀ କାଳବେଳେ ବାତରୋଗରେ ସ୍ୱର୍ଗାରୋହଣହେଲେ । ପ୍ରା- ଯିବାର କଚ୍ଛସମୟ ପୂର୍ବରୁ ସମସ୍ତଙ୍କୁ ଡ଼କାଇ ପାଖେ ବସାଇ ଅନ୍ତିମ ସମସ୍ତଙ୍କଠାରୁ ବିଦାୟହେଲୁଁ, ଯୁବରାଜ ସମସ୍ତଙ୍କୁ ଲାଗିଲା ବୋଲି କହି ଦାନପୁଣ୍ୟ କରି ଶ୍ରୀ ଗୁରୁଦେବଙ୍କ ଆଗେ ଦୃଢ଼ରୂପେ ପଦ୍ମାସନରେ ପୂର୍ବମୁଖୀହୋଇ ବସି ପ୍ରାଣ ହରାଇଲେ । ତାଙ୍କର ଶ୍ରୀ ଯୁବରାଜ ନାବାଳକ ରାଜଗାଦି ପ୍ରାପ୍ତହେଲେ ଶ୍ରୀମତୀ ଜ୍ୟେଷ୍ଠା ରାଜମାତା ଶ୍ରୀମତୀ ସତ୍ୟବତୀ ପାଟ ଶିରୋପା ରାଜଶାଢ଼ି ପ୍ରଦାନକଲେ । ସେହି ସମୟରେ ରାଜଗାଦି ରକ୍ଷିତ ହୋଇଅଛି । ନାବାଳକ ରାଜା ଦୀର୍ଘାୟୁହେବେ ସେଥି ପାଇଁ ସମସ୍ତ ପାଠକବର୍ଗଙ୍କୁ ପ୍ରାର୍ଥନାକରି ଉଲ୍ଲେଖକରିଅଛି । ଯେଉଁ ଦାଶରଥି ରାଜା ପୁରାତନ ଏବଂ ହିନ୍ଦୁଧର୍ମପରାୟଣ, ତାଙ୍କୁ ଅନ୍ନଦାତା ପିତାପ୍ରମାଣ ଜ୍ଞାନକରି ଓ ପ୍ରଭୁବତ୍ସଳତାରେ ଅନୁପ୍ରାଣିତ ହୋଇ ତାଙ୍କର ଜୀବନୀକୁ ପଦ୍ୟାକାରେ ରଚନାକରି, ପ୍ରକାଶହେବା ନିମନ୍ତେ ମଧୁପୁର ରାଜା ଓ ଶ୍ରୀମତୀ ପଟ୍ଟମହିଷୀ । କ । ମଧୁପୁର ଏବଂ ବଳରାମପୁର ଶ୍ରୀମତୀ ରାଜମାତା ଦ୍ୱୟ ଅଷ୍ଟଦୁର୍ଗର ଶ୍ରୀମତୀ ଶ୍ରୀ ଜ୍ୟେଷ୍ଠା ରାଜମାତାଙ୍କ ଶ୍ରୀହସ୍ତେ ଓ ଶ୍ରୀ ମ ।ନେଜର ଦାମୋଦର ବାବୁଙ୍କ ହସ୍ତେ ଅର୍ପଣକଲି । ସାଦରେ ଗ୍ରହଣକରି ପ୍ରାର୍ଥନା ପୂର୍ଣ୍ଣକଲେ ଏବଂ ପାଠକବର୍ଗ ଦୋଷକ୍ଷମା ପୂର୍ବକ କଷ୍ଟ ସ୍ୱୀକାରକରି ପାଠକଲେ ଶ୍ରମଫଳଜ୍ଞାନକରିବି ।

ମୋର ପିତା ଶ୍ରୀ ଜଗନ୍ନାଥ ଏବଂ ମାତା ଶ୍ରୀ ସରସ୍ୱତୀଙ୍କ ପାଦପଦ୍ମେ ଏ କ୍ଷୁଦ୍ର ପୁସ୍ତକଖଣ୍ଡି ଭକ୍ତିଭାବେ ପୁଷ୍ପାଞ୍ଜଳି ଭୁଲି ଅର୍ପଣକରି ବର୍ତ୍ତମାନ ଈଶ୍ୱରଙ୍କୁ ଜଣାଉଁଅଛି ଯେ ତାଙ୍କ କୃପାବଶତଃ ମାନ୍ୟବର ଶ୍ରୀଲ୍ଲ ଶ୍ରୀଯୁକ୍ତ ବୀରବର ଶ୍ରୀମାନ ଶ୍ରୀ ଶ୍ରୀ ରାଜା ନାରାୟଣଚନ୍ଦ୍ର ଧୀର ନରେନ୍ଦ୍ର । କା । ମଧୁପୁରଙ୍କ ଦୟା ଓ ଶ୍ରଦ୍ଧାଦ୍ୱାରା ବଳରାମପୁର ଷ୍ଟେଟ ଓ ନାବାଳକ

(।/)

ମାନ୍ୟବର ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ରାଜା ଶ୍ରୀ ଲକ୍ଷ୍ମୀନାରାୟଣ ପୂର୍ଣ୍ଣଚନ୍ଦ୍ର ଧୀର ନୀତିବର ନରେନ୍ଦ୍ରନନ୍ଦନଙ୍କ ସର୍ବମଙ୍ଗଳ ଶାସନରେ ଯେଉଁପର ଜ୍ୟୋତ୍ସ୍ନା ଉଦ୍ଦୀପ୍ୟମାନ ହେଉଅଛି ଓ ସେହିପର ଚିରଦିନ ହେଉଥାଉ । ଇତି ।

(ନ)

ଶ୍ରୀ ଚନ୍ଦ୍ରମଣି ପଟ୍ଟନାୟକ

ସିରସ୍ତାଦାର । କ୍ୟା । ବଳରାମପୁର

ଷ୍ଟେଟ ।

ଶ୍ରୀ ସରସ୍ୱତୀଙ୍କ ଜଣାଣ !

କର୍ଣ୍ଣାଟ ରାଗ ତାଳ କଓ୍ୱାଲି ।

ମାତ ଭଗବତୀ ସରସ୍ୱତୀ ବିନୟେ ସେବନ ।

ଅବନୀ ଧାମ ଦୁର୍ଗନ୍ଧ କର ଖଣ୍ଡନ । ଘୋଷା ।

ବୀଣା ପୁସ୍ତକକୁ ଧର ! କରୁଣାପଦ ବିତର । ବସନ୍ତ ଶିରୀ ପ୍ରସାଦ ନିର୍ଭ୍ରମଲକ୍ଷଣ । ୧ । ପଦ୍ମଜ କାମିନୀ ପୁଣି । ପଣ୍ଡିତଜନ ତାରିଣୀ । ଅଭିଷ୍ଟ ସିଦ୍ଧି ଦାୟିନୀ, ଆସ ବଦନ । ୨ । ତ୍ରିତାପକୁ ନିବାରଣ । କର ଦେବୀ ଅନୁଦିନ । ଯହାରେ ଯାରେ ସ୍ୱସ୍ୱରେ ଗାଇବି ଗୁଣ । ୩ । ପଦଧୂଳି ହୃଦେ ଢାଳି । ଦିଅ ଶୀଘ୍ରେ ସଦାଭାଳି । ବସନ୍ତ ପଞ୍ଚମୀ ଦିନେ ଦିଅ ଦର୍ଶନ । ୪ । ଶୁକ୍ଳବର୍ଣ୍ଣା ସୁଶୋଭନା । ସପ୍ତସ୍ୱରାଦ୍ଦ ସାଧନା । ଅନନ୍ତ-ଶାୟୀନେ ବୀଣା କଲ ବାଦନ । ୫ । ତାପତ୍ରୟ ବିନାଶିନୀ । ଅଭୟ ପଦ ଦାୟିନୀ । ସପ୍ତସ୍ୱର ପୂର୍ଣାଧ୍ୱନୀ ଗ୍ରହଯୁଗେଣ । ୬ । ସାହିଗମ ପଦେ ଭୋଲ । ବୀଣାବାଦ୍ୟରେ କୁଶଳ । ସାଗରଙ୍କେ । ଛ ତରଙ୍ଗେ ବର୍ଣ୍ଣ-ପ୍ରମାଣ । ୭ । ଶ୍ରୀ ବୃନ୍ଦାବନ ଚନ୍ଦ୍ରେଣ । ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ରଣ । କଲେ

ଶ୍ରୀମନ୍ନାରାୟଣ ଚରଣଅଣ । ୮ । ଚନ୍ଦ୍ରାମଣି ହୃଦଖେଦ । ହର ତବ ପଦ୍ମ ପାଦ । ପଦକମଳ ଧ୍ୟାନେ କଲ ରଚନ । ୯ ।

———:❋:———

ରାଗ କାମୋଦୀ ଏକତାଳୀ ।

ଜଶୋର ନମ୍ଭ ଘ—ମେଣ୍ଟ ଗୀତ ରାଗ ।

ଜୟ ମା ଭଗବତୀ ଜନନୀ ଗୋ । ବଜାଉ ବୀଣା ହଂସବାହିନୀ ଗୋ । ତବ କଞ୍ଜଚରଣ ପାବନ ରେଣୁ କଣ ସ୍ମରଣରେ ବିଘ୍ନ ଅବନୀ ଗୋ । ଘୋଷା । ଗଙ୍ଗାଧର ଲବଣ ସହିତ ଗିରି ଦରି ପରମା ସମ୍ପତ୍ତିର ଜୟଣୀ ଗୋ । ଶତ ହୃଦନନ୍ଦନ ତୋ ପୁଣ୍ୟ ଆବିର୍ଭାବ ପାଇଁ ଏ ସ୍ୱର୍ଗମୟତା ଧରଣୀ ଗୋ । ୧ । ଜୟ ମା ପଦ୍ମାସନେ ହସ ହସ ବଦନେ ପିଇଯାଉ ଜ୍ଞାନର ବାରୁଣୀ ଗୋ । ବାଂପିଯାଉ ସରସ ଶୁଦ୍ଧି ହୃଦ ସାରସ ମଧ୍ୟରୁ ନାଶ ହବା ରଜନୀ ଗୋ । ୨ । ଧରୁ ବିପଞ୍ଚି କରେ ନବ ନବ ରଙ୍ଗରେ ଉତ୍କଳର ପୁରୁଷ ରମଣୀ ଗୋ । ଗାଇ ତୋ ମହାତ୍ମ୍ୟ ମୋହୁ ଦେବ ଭୂଦେବ ନାଚୁ ତା ଶୁଣି ଖଣ୍ଡଧରଣୀ ଗୋ । ୩ । ଗୃହ ଚଳକା କୂଳ ସମୀର ସୁଶୀତଳ ଶୁଭକର ଯେ ଗାନେ ଜୀବନୀ ଗୋ । ପୁଣ୍ୟକଳଙ୍କ ଧାବ ହେଉ ସାର୍ଥକ ନାମ ତୋ ଦୟାରୁ ପତିତପାବନୀ ଗୋ । ୪ । ସର୍ବଦା ସପ୍ତସ୍ୱରେ ବଜାଇଣ ବୀଣାରେ ଶୁଣାଇ ଦେବା ମଧୁ ରାଗିଣୀ ଗୋ । ଘୋର ବିପଦକାଳେ ରଖିବ ଦୟାବଳେ ଚନ୍ଦ୍ରାଇ ଚନ୍ଦ୍ରାମଣି ଜନ୍ମ ମା ଗୋ । ୫ ।

———❋———

ରାଗ ମଙ୍ଗଳ—ତାଳ କଓ୍ୱାଲି ।

ସର୍ବେ ଜୟ ପୂଜା ଗୀବାକ୍ ବାଣୀଙ୍କ ପାଦଯାଉ । ଘୋଷା ।

ନାନା ଉପବନେ ଭୂଷିଣ ସୁମନେ

କୁସୁମ ତୋଳିବା ମଦପେ ସଦ୍ଜ୍ଞାନେ ।

ସୂତ୍ରେ ଗୁନ୍ଥିବା ମାଳ ନିର୍ମିଣିବା

ନେଇ ପ୍ରଭାତରେ ଦେଲେ ହେବ ସୁଦୃଶ୍ୟ । ୧ ।

ବାଳକ ବାଳିକା   ପଠନେ ଅଧିକା
ସ୍ମରଣେ ଗାୟନେ ସଙ୍ଗୀତରେ ଏକା ।
କୁସୁମ ଗୁଙ୍ଗଡ଼ା   ଭରଥର ଧୀରେ
ନାଗ୍ନିଜନଗଣ ବିଦ୍ୟା କର ଅଭ୍ୟାସ । ୨ ।
ଭୋଜନେ ଶୟନେ   ସାଧନେ ଭଜନେ
ସ୍ମରଣ କରିବା ଅନୁକୂଳ ସ୍ଥାନେ ।
ବସନ୍ତ ଭୂଷଣୀ   ପାଇବାକୁ ଦିନା
ମନ ବଚନରେ ଗାଇ ଦେବା ହରଷ । ୩ ।
ଭାରତ ଜନନୀ   କୋଳେ ସନମାନୀ
ମାତ ସରସ୍ୱତୀ ଦେବୀ ବୀଣାପାଣି ।
ସୁହଂସ ବାହିନୀ   ପୁସ୍ତକଧାରିଣୀ
ତାଙ୍କ ପାଦପଦ୍ମେ ରସ, ଶରଣ ପଶ । ୪ ।
ଧର୍ମ ଅର୍ଥ କାମ   ଆଦ ସର୍ବଧାମ
ମୋକ୍ଷକୁ ସହଜେ ପାଇ ତାଙ୍କ ନାମ ।
ଗାଇବା ମୁଖରେ   ବଜାଇ ଯନ୍ତ୍ରରେ
ମନ୍ତ୍ରାଇବା ଯାହା ବିଧି ବେଦେ ପ୍ରକାଶ । ୫ ।
ସର୍ବେ ସାଧ୍ୱୀନାରୀ   ଦେଇ ହୁଳହୁଳି
ମଙ୍ଗଳଗାୟନେ ପୁଷ୍ପାଞ୍ଜଳୀ ଢାଳି ।
ମାତାଙ୍କୁ ଡ଼ାକିଲେ   ମନଫଳ ଭରିଲେ
ବର ପାଇବେ ସେହିଲେ ନିଶି ଦିବସ । ୬ ।
ଗାଇବା ତୟନ୍ତ   ଭୂଷଣୀଙ୍କ ଗୁଣ
ଛଡ଼ାଇବା ସବୁ ମନରୁ ମଳିନ ।
ଅଜ୍ଞାନ ଛାଡ଼ିବା   ସୁଜ୍ଞାନ ଲଭିବା
ତରେ ଚନ୍ଦ୍ରାମଣି ମାତ, ପାଦରେ ଦାସ । ୭ ।
ନାମ ସଙ୍କୀର୍ତ୍ତନେ   ସଙ୍ଗୀତ ଗାୟନେ

ମଣ୍ଡି ଭକ୍ତଜନେ ଯା ନାମ ସ୍ମରଣେ ।
ସୁସ୍ୱରେ ଗାଇବା ସୁପଦ ପାଇବା
ନୃତ୍ୟ କରିବା ଉନ୍ମାଦେ ହୋଇ ଉଲ୍ଲାସ । ୮ ।

—— ୰ ——

ଢ । କଟକ । ଢ । ବଲରାମପୁର ରାଜପୁରୁଷଙ୍କ ନାମ ।

ପ୍ର ୧ ପୁରୁଷ ବୀର ବିକ୍ରମାଦିତ୍ୟାବ୍ଦ ୯୬୧୦ ଭୋଜରାଜ ଭୋଗାବ୍ଦ ବା୧୧୪୦ରେ ୪୭୫ ଶକାବ୍ଦ ଖ୍ରୀ ୫୫୩ଷ୍ଟାବ୍ଦ ଉତ୍ତର ପଶ୍ଚିମ ପ୍ରଦେଶୀୟ ଜୟପୁର ରାଜବଂଶଜ ଶ୍ରୀ ବଲଭଦ୍ରସିଂହ ତୀର୍ଥାଟନକୁ ଆସି ଓଡ଼ିଶା ରାଜା ଗଜାଧିକେଶରୀଙ୍କଠାରୁ ରାଜ୍ୟ ପ୍ରଦାନ ପାଇ ବଲଭଦ୍ର ସିଂହ ବଦଳେ ଓଡ଼ିଶା ରାଜାଙ୍କ ଦାତ୍ରୀଥିବ ସଙ୍ଖ୍ୟାଧର ବଲଭଦ୍ର ଧୀର ନରବର ହରିଚନ୍ଦନ ମହାପାତ୍ର ନାମନାମାନୁସାରେ ବଲରାମପୁରେ ରାଜ୍ୟାଭିଷେକ ମୂର୍ତ୍ତିରେ ଅଧିପତି ହେଲେ ତାଙ୍କ—ପରେ କ୍ରମଶଃ ମାଦଲା ବଂଶାବଳୀମତେ ସେହି ପଦ ମର୍ଯ୍ୟାଦା ରାଜଶ୍ୟ ଭୋଗ ହେଉଅଛି ।

ପୁ ୨ପୁରୁଷ ତନ୍ନିଜପୁତ୍ର ରାଜା ପୁରୁଷୋତ୍ତମ ଧୀର ନରବର ହରିଚନ୍ଦନ ମହାପାତ୍ର ରାଜତ୍ୱକଲେ

ପୁ ୩	”	”	ଜଗନ୍ନାଥ ଧୀର	”	”
ପୁ ୪	”	”	ନୀଲାଦ୍ରି ଧୀର	”	”
ପୁ ୫	”	”	ସୁଦର୍ଶନ ଧୀର	”	”
ପୁ ୬	”	”	ପଦ୍ମନାଭ ଧୀର	”	”
ପୁ ୭	”	”	ଜନାର୍ଦ୍ଦନ ଧୀର	”	”
ପୁ ୮	”	”	ନୃସିଂହ ଧୀର	”	”
ପୁ ୯	”	”	ଭଗବାନ ଧୀର	”	”
ପୁ ୧୦	”	”	ହରେରାମ ଧୀର	”	”
ପୁ ୧୧	”	”	ପର୍ଶୁରାମ ଧୀର	”	”
ପୁ ୧୨	”	”	ବ୍ରଜସିଂହ ଧୀର	”	”
ପୁ ୧୩	”	”	ଦୀନବନ୍ଧୁ ଧୀର	”	”

ପୁ ୧୪ ,, ,, ହରେକୃଷ୍ଣ ଧୀର ,, ,,
ପୁ ୧୫ ,, ,, ତ୍ରିଲୋଚନ ଧୀର ,, ,,
ପୁ ୧୬ ,, ,, ଡାଲୁକେଶ୍ୱର ଧୀର ,, ,,
ପୁ ୧୭ ,, ,, କୁଞ୍ଜବିହାରୀ ଧୀର ,, ,,
ପୁ ୧୮ ,, ,, ବଳରାମ ଧୀର ,, ,,
ପୁ ୧୯ ,, ,, କୃଷ୍ଣଚନ୍ଦ୍ର ଧୀର ,, ,,
ପୁ ୨୦ ,, ,, ବାଞ୍ଛାନିଧି ଧୀର ,, ,,
ପୁ ୨୧ ,, ,, ଚନ୍ଦ୍ରମଣି ଧୀର ,,
ପୁ ୨୨ ,, ,, ନୃସିଂହ ଧୀର ,, ,,
ପୁ ୨୩ ,, ,, ପଦ୍ମନାଭ ଧୀର ,, ,,
ପୁ ୨୪ ,, ,, ହଲଧର ଧୀର ,, ,,
ପୁ ୨୫ ଜନ୍ମିତପୁତ୍ର ରାଜା ରତ୍ନାକର ଧୀର ଖାରଧର ହରିଚନ୍ଦନ ମହାପାତ୍ର ରାଜତ୍ୱକଲେ
ପୁ ୨୬ ,, ,, ଉଦ୍ଧବ ଧୀର ,, ,, ,,
ପୁ ୨୭ ,, ,, ଯୋଗେନ୍ଦ୍ର ଧୀର ,, ,, ,,
ପୁ ୨୮ ,, ,, ବନମାଳୀ ଧୀର ,, ,, ,,
ପୁ ୨୯ ,, ,, ରାମକୃଷ୍ଣ ଧୀର ,, ,, ,,
ପୁ ୩୦ ,, ,, ସତ୍ୟବାଦୀ ଧୀର ,, ,, ,,
ପୁ ୩୧ ,, ,, ଗୋବର୍ଦ୍ଧନ ଧୀର ,, ,, ,,
ପୁ ୩୨ ,, ,, ମୁରଲୀ ଧୀର ,, ,, ,,
ପୁ ୩୩ ,, ,, ରଘୁନାଥ ଧୀର ,, ,, ,,
ପୁ ୩୪ ,, ,, ମଧୁସୂଦନ ଧୀର ,, ,, ,,
ପୁ ୩୫ ,, ,, ବନ୍ଧୁ ଧୀର ,, ,, ,,
ପୁ ୩୬ ,, ,, କୃଷ୍ଣଚନ୍ଦ୍ର ଧୀର ,, ,, ,,
ପୁ ୩୭ ପୋଷ୍ୟପୁତ୍ର ରାଜା ଭଗବାନ ଧୀର ,, ,, ,,

ପୁ୩୮ ଜଳିତପୁର ରାଜା ହରହର ଧୀର ” ” ”
ପୁ୩୯ ” ” ଘନଶ୍ୟାମ ଧୀର ” ” ”
ପୁ୪୦ ” ” ରାମଚନ୍ଦ୍ର ଧୀର ” ” ”
ପୁ୪୧ ” ” ନୀଳାଦ୍ରିବିହାରୀ ଧୀର ” ” ”
ପୁ୪୨ ” ” ବ୍ରଜବିହାରୀ ଧୀର ” ” ”

ଏ ରାଜା ସନ ୧୨୯୦ ସାଲ ମାଘମାସ ଘ ୧୭ ନ ଲଗାଏତ ସନ ୧୩୧୫ ସାଲ ଜ୍ୟେଷ୍ଠ ଘ ୨୫ ନ ଶନିବାର ଘଣ୍ଟା ୧୧ ମଧ୍ୟାହ୍ନ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ, ବ ୨୫ । ୪ ରାଜ୍ୟଭୋଗ କଲେ; ଏହାଙ୍କ ରାଜତ୍ୱ ସମୟେ ଓଡ଼ିଶା ବନ୍ଦବସ୍ତରେ କଲରାମପୁର ବନ୍ଦବସ୍ତ ହେଲା ଓ କଲରାମପୁର ବିଶେଷ ଉନ୍ନତ ହୋଇଅଛି । ଏ ରାଜା ନିଃସନ୍ତାନହେତୁ ଏହାଙ୍କ କନିଷ୍ଠଭ୍ରାତା ରାଜଗାଦି ପ୍ରାପ୍ତହେଲେ ।

୪୮ ରାଜକ୍ରୀତ ରାଜା

ଦାସରଥି ବୀରବର ହରିଚନ୍ଦନ ମାହାପାତ୍ର ସନ ୧୩୧୫ ଜ୍ୟେଷ୍ଠ ଘ ୨୭ ନ ଇଂରାଜୀ ସନ ୧୯୦୮ ମସିହା ରବିବାର ଅପରାହ୍ନରେ ରାଜସିଂହାସନାରୂଢ଼ ହେଲେ । ଏହାଙ୍କ ରାଜତ୍ୱ-କାଳେ ମୂଲକ ଉପକାର ବନ୍ଦବସ୍ତରେ ମାପ ହୋଇଥିଲା । ନୟାଗଡ଼ ଶ୍ରୀଜଗନ୍ନାଥ ଏକମୂର୍ତ୍ତି-ସ୍ଥଳେ ଚତୁର୍ମୂର୍ତ୍ତି ନୂତନକଳେବର ଓ ଶ୍ରୀରାଧା-ହିଁ ଯାହା ପାଟମହାଦେବୀ ଅଠଗଡ଼ ଜ୍ୟେଷ୍ଠା ରାଜମାତାଙ୍କ ଦେୟଅର୍ଥ ଦ୍ୱାରା ନୟାଗଡ଼ରେ ବଡ଼-ଦେଉଳ ହୋଇଥିଲା ଓ ମଫସ୍ୱଲରେ ସ୍କୁଲ-

ଦାନରେ କୂପ ପୁଷ୍କରଣୀ ଜଳକୀର୍ତ୍ତି ହୋଇଅଛୁ । ବିଶେଷ ଦୁର୍ଭିକ୍ଷପଡ଼ିବାରୁ ଅନ୍ନଛତ୍ର ଦେଉ-ଥିଲେ ଯଜ୍ଞ କରିଥିଲେ—ସେହି ଯାଗାଗ୍ନିରେ ପ୍ରାଣ ଗିବାପରେ ଶବଦାହ ହୋଇଥିଲା । ବ ୭୧ ବର୍ଷ ବୟଃକ୍ରମରେ ସନ ୧୯୨୪ ମସିହା ଅକ୍ଟୋବର ତା ୨୨ ରିଖ ସନ ୧୩ ୩୨ ସାଲ କାର୍ତ୍ତିକ ଶୁକ୍ଲପକ୍ଷ ନବମୀ ତିଥିର ପୂର୍ବାହ୍ନ ପ୍ରହରେକ ସମୟେ ସ୍ୱର୍ଗାରୋହଣକଲେ । ଏହାଙ୍କର ବିଶେଷ ବିଷ୍ଣୁ ଓ ବୈଷ୍ଣବ ଭକ୍ତିଥିଲା ଶ୍ରୀ ଜଗନ୍ନାଥଙ୍କ ଦେଉଳ ସନ ୧୩୨୬ ସାଲ ଆରମ୍ଭ ସନ ୧୩୩୧ ସାଲ ବୈଶାଖ ମାସେ ପ୍ରତିଷ୍ଠା ହେଲା । ଏହାଙ୍କର ଦୁଇରାଣୀ ଶ୍ରୀ ସତ୍ୟ-ବତୀ ଜ୍ୟେଷ୍ଠା ଓ ଶ୍ରୀ ଲାବଣ୍ୟବତୀ କନିଷ୍ଠା ଅଟନ୍ତି; ଜ୍ୟେଷ୍ଠା ରାଜମାତାଙ୍କ ରାଜଗାଡ଼ି ହାସି

ମୁ ୪ ୮ ଜନ୍ମିତପୂର୍ବ ରାଜା

ଶ୍ରୀ ଲକ୍ଷ୍ମୀନାରାୟଣ ପୂର୍ଣ୍ଣଚନ୍ଦ୍ର ଧୀର ବୀରବର ହରିଚନ୍ଦନ ମହାପାତ୍ର ସନ ୧୩୩୨ ସାଲ କାର୍ତ୍ତିକ ଶୁକ୍ଳ ନବମୀ ତିଥି ଦି ୭ ନ ବୁଧବାର ରାଜଗାଦି ପ୍ରାପ୍ତହେଲେ ଇଂରାଜି ସନ ୧୯୨୪ ମସିହା ଅକ୍ଟୋବର ତା ୨୨ ରିଖ ପ୍ରମାଣ ଅଟେ । ସନ ୧୯୨୬ ମସିହାରେ ଷ୍ଟେଟ ବନ୍ଦବସ୍ତ ସରକାରୀ ମାପ ଆରମ୍ଭ ଓ ଅଟେଷ୍ଟେସନ ହେଲା । ପ୍ରଭୁ କୃପାରୁ ଏହି ନାବାଳକ ରାଜକୁମାର ସୁଶିକ୍ଷା ଲଭି ଦୀର୍ଘାୟୁ ପ୍ରାପ୍ତହୋଇ ରାଜ୍ୟଭୋଗ କରିବେ ଏବଂ

ବୌଧିକ ପ୍ରଥାମତେ ସ୍ୱଧର୍ମ ନିପୁଣ ରହି
ପ୍ରଜା ପାଳନ କରବେ । ଇତି ।

—— ❀ ——

ପୁ ୪୩ ରୁଷ ସ୍ୱର୍ଗୀୟ ରାଜା ଦାସରଥି ଧୀର ହରଚନ୍ଦନଙ୍କ
ଜୀବନୀ ପଦ୍ୟ ।

ରାଗ କଲହଂସ କେଦାର ।

ଧର୍ମନିପୁଣ ଦାସରଥି ରାଜନ । ଧୀର ବୀରବର ଶ୍ରୀ ହରଚନ୍ଦନ ଯେ । ମହାପାତକ ପଦ ଅମର ଧାମେ । ଧର୍ମମାସ କାର୍ତ୍ତିକେ ରହିଲେ ଧର୍ମେ ଯେ । ୧ । ଶୁକ୍ଳ ଶୈଚବାସରେ ନବମୀ ତିଥି । ଦିବସପ୍ରହରକ ମଧ୍ୟେ ଜାଣନ୍ତି ଯେ । ଜୀବନ ରହିବ ବୋଲିଣ କହି । ସଦାପ୍ରଭୁ ହେଲ ବୋଲି ଘୋଷିଲେ ଦେଖି ଯେ । ୨ । କାର୍ତ୍ତିକ ସାତଦିନ ଅଟେ ସେ ଦିନ । ତେରଶ ବରଷର ଶାଳ ପ୍ରମାଣ ଯେ । ସ୍ନାନ ନିର୍ମାଲ୍ୟ ସେବା ପୂଜା ବିଧାନେ । ନାନାବିଧ ବିପ୍ର ବର୍ଗେ ଦେଲେ ପ୍ରଣାମେ ଯେ । ୩ । ଶ୍ରୀରାଜ ଗୁରୁଦେବ ପ୍ରଯୋଗ ଥିଲେ । ଅତରେ ଶୁଣି ତାଙ୍କ ପାଖେ ଡକାଲେ ଯେ । ଗୁରୁଦେବଙ୍କୁ ଦେଖି ପାଦରୁ ଧୂଳ । ନେଇ ପାଇଲେ ଶିର ମଥାରେ ବୋଲି ଯେ । ୪ । ଗୁରୁଙ୍କ ପାଦ ଧରି ମସ୍ତକେ ନନ୍ଦି । ଦେବାରୁ ହରିବୋଲ ଶବଦ ଶୁଭି ଯେ । ପଦ୍ମାସନରେ ବସେ ପବନ ଛାଡ଼ି । ଧରି କଳ୍ପଟପଟେ ଗଲେ ସେ ଛାଡ଼ି ଯେ । ୫ । ମାସ ହବିଷ୍ୟ କରି ପଇଡ଼ ଜଳ । ପାନ ସେ କରୁଥିଲେ ନିତି କୈବଲ୍ୟ ଯେ । ଗୃହକୁ ଛାଡ଼ି ଦେବ ଦେଉଳେ ଥିଲେ । ହରିବଂଶ ପୁରାଣ ଶୁଣିଣ ଭଲେ ଯେ । ୬ । ସ୍ୱପ୍ନଦେଖିଲି କେହି କହିଣ ଦେଲେ । ପ୍ରାଣବଞ୍ଚିଲେ ରହି ନରକଥାରେ ଯେ । ବ୍ରତ ଉପବାସରେ ବାତ ବଢ଼ିଲା । ଅନ୍ନଦାତାଙ୍କୁ ତାଙ୍କ ଅତେଜ କଲା ଯେ । ୭ । ନାମ ସେ ଶୂନ୍ୟ ଶୂଳ ବକ୍ଷସ୍ଥଳରେ । ଚଢ଼ିଲା ଅତି ବଳେ ସୁକଦେଶରେ । ବୈଦ୍ୟ ବିବେକ ବୁଦ୍ଧି ଚିକିତ୍ସା- କଲା । କରୁହିଁ ନ ରହିଲା ସବୁ ବିଫଳ ଯେ । ୮ । ଅଗରୁ ଜାଣି ଛାଡ଼

ଦେବମନ୍ଦିର । ଯିବ ମୁଁ ଯମାଳୟ ନିଶ୍ଚେ ଏଠାର ଯେ । ଦକ୍ଷିଣାଦିଗେ ସ୍ଥିତ ବଙ୍ଗଳା ଘରେ । ଏହିତ ଯମାଳୟ କହି ରହିଲେ ଯେ । ୯ । ସ୍ଥିର ନରହି ଏଠି ସେଠି ଜସିଲେ । ବିକଳଦେଖି ସ୍ବଙ୍ଗ ପିଠି ଘସିଲେ ଯେ । ଉଣା ନଦେଲ୍ଲ ଶୂନ୍ୟ ଭାବ ବଢ଼ିଲା । ଅଚିରେ ବଳଦମ୍ଭ କମେ ଯିବ ଗଲା ଯେ । ୧୦ । ମଙ୍ଗଳବାର ସ୍ନାନେ ସକଳେ ଡାକ । ପାଶେ ବସାଇ କହିଥିଲେ ଏଭଳ ଯେ । ଯୁବରାଜ ଲଗିଲା ଭୂମୀମାନଙ୍କୁ । ବଦାୟୁ ଦଅ ଏବେ ସବେ ଅମ୍ଭଙ୍କ ଯେ । ୧୧ । ସେହି ନାରାଣବାଣୀ ଶୁଣାଇଁ ଦେଲେ । ରେବନ୍ତଶ ପୁରକୁ ଭ୍ରମିଣିଲେ ଯେ । ସାବସ କେତେ ତାଙ୍କ ଜାଗ୍ରତ ଥିଲା । ପୂର୍ଣ୍ୟବନ୍ତରୁ ଚକ୍ଷୁ କଣା ପଡ଼ିଲା ଯେ । ଠେଁ ଉଠିଣ ସେଠି ବସି ପଡ଼ିଲା । ଅତିକଷ୍ଟ ଘଟିବା କଦା ବର୍ଣ୍ଣିବା ଯେ । ଯେ ଦେଖିଥିବ ସେହି ଜାଣିବ ସତ । ଶେଷବେଳ ଏପରି ଯେ ସତ୍ୟବନ୍ତ ଯେ । ୧୩ । ରାଣୀଏ ଶୁଣିଲେ ଏ ନାରାଣବାଣୀ । ହାହାକାରରେ ପଡ଼ି ଲୋଟି ଧରଣୀ ଯେ । ମଥା ପିଟିବା ପୁଣି ଅଧୋର୍ଯ୍ୟ ବାଧା । ବକ୍ର ବ ପଡ଼ି ମୁଣ୍ଡେ କରୁଛି ଦ୍ବିଧା ଯେ । ୧୪ । ସନ୍ନିପାତ ଜନ୍ମିଲା ରାଜ ମାହିଲା । ପ୍ରାତଃ ସ୍ନାନାଦି ଶୌଚ ପୂଜା ବଢ଼ିଲା ଯେ । ବୁଧବାର ସକାଳବେଳ ଉଇଁଲା । ବେଳେ ନରପତିଙ୍କ ପୂର୍ଣ୍ୟ ଦିଶିଲା ଯେ । ୧୫ । ଶୁଦ୍ଧ ଶୌଗ୍ଧିଦ ପୂଜା ଜନ୍ମିଲା ଯେବା । କରବା ନାସ୍ତା- ପଦକୁ ବ ବର୍ଣ୍ଣିବା ଯେ । ମାଗୁଛି ବସ୍ତ୍ର ଶୀଘ୍ରେ ଦେବତ ଦଅ । ଏହା ଭାଷନ୍ତେ ନେଣ୍ଡୁ ଗଡ଼ିଲା ଲୁହ ଯେ । ୧୬ । ସଦଜ୍ଞାନରେ ମାଟି ଉପକରଣ । ଦାନ ଉଚିତ ଦ୍ରବ୍ୟ କରୁ ପ୍ରଦାନ ଯେ । ପ୍ରାୟିତ ବିଧିମତେ ପୂର୍ଣ୍ଣ କରଲେ । ଯାହାକୁ ଯାହା ଦେବାର ତାକୁ ଦେଲେ ଯେ । ୧୭ । ନବଲ ରହି ବସ୍ତ୍ର ପଦକୁ ଧାଇଁ । ରାମ ରାମ ସ୍ମରଣେ ବଚନ କହି ଯେ । ପଦ୍ମାସନର ଯୋଗବଳ ସାଧିଲେ । ଯାଗ ଯଜ୍ଞତା- ବଳେ ଶୂନ୍ୟେ ଟେକିଲେ ଯେ । ୧୮ । ସଚେତିତ ରାଜଗୁରୁ ବିପ୍ର- ମାନେ । ପାଠ ପଢନ୍ତି ଅତି ସୁପଥଶ୍ରମେ ଯେ । ଶିବ ସମତେ ଶୁନ୍ୟମାର୍ଗେ

ଲାଗିଲେ । ଅକଥନୀୟ ଅଛଇ 'କହିଲ ନୁଲେ ଯେ ।୧୧। ଗୃହୁଁ ଗୃହୁଁ
ମୁଖଙ୍କୁ ବଦନକଣ । ନାମ ସ୍ମରଣେ-ଗଦଗଦ ବଗ୍ୟର ସେ । ପ୍ରଣାମ
ନ ଛାଡିଲେ ସାଧନା ଚଳେ । ଉର୍ଦ୍ଧେ ଲମ୍ଫପଦେ ପ୍ରାଣ ଛାଡିଲେ
ଯେ । ୨୦ । ମସ୍ତକଠାରେ ଧୁକୁଧୁକ ଧୁ ଥରେ । ଫିଟିଲା ପ୍ରାଣଗଣ୍ଠି
ଜଳଦଧାରେ ଯେ । ବନ୍ଦିବା ସାଧନାରେ ଯୋଗସାଧିଲେ । ଦେଖିବାରୁ
ଗଳିଲା ସର୍ବେ ଚାହିଁଲେ ଯେ । ୨୧ । ପ୍ରାଣୀର ଭଲ ମନ୍ଦ ଗୁଣ ଅଗଣା ।
ପ୍ରାଣ ପର୍ଯ୍ୟନ୍ତକାଳେ ମିଳେ ପ୍ରମାଣ ଯେ । ଯେଉଁଙ୍କ ଧର୍ମକ୍ରିୟା ପୂର୍ଣ୍ଣ
ଥିଲା । ଫଳବା ଯାହା କ ଦେଖିଲେ ସକଳ ଯେ ।୨୨। ତାଙ୍କ ଜୀବ
ନିବାକୁ ଯେ ଦେଖିଅଛୁ । ସତ୍ୟବନ୍ତ ଏପରି ଫଳ ଲଭନ୍ତି ଯେ । ସେହି
ଏକା ଜାଣିଣ ଥିବ ନିଷ୍ଠର୍ସ୍ଥ । କହନ୍ତେହିଁ ତା ସନ୍ଧି ନାହିଁ ସନ୍ଦେହ
ଯେ । ୨୩ । ସତ୍ୟ ଶଉଚ ଦୟା କ୍ଷମା ଏ ଗୃର । ଗୁଣରେ ପରିପୂର୍ଣ୍ଣ
ଥିଲେ ସେପରି ଯେ । ନରପତି ପତ୍ନୀଙ୍କୁ ସେ ଧନ୍ୟବାଦ । ପାପ୍ର ପଦବୀ
ଥିଲେ ବାନ୍ଧବପଦ ଯେ । ୨୪ । ନବପ୍ରଭି ବୈଷ୍ଣବ ବନ୍ଧୁ ସେବାରେ ।
ପୁରାଣ ପାଠ ଅଦ ଦାନ ଦେବାରେ ଯେ । ପରମସ୍ନେହୀ ଥିଲେ ସ୍ନେହ
ନକର । ପ୍ରଜାଙ୍କୁ ପାଳୁଥିଲେ ଗର୍ବ ନକର ଯେ । ୨୫ । କବିତ୍ୱ
ରଚନାରେ ବନ୍ଧୁଙ୍କ ନାମ । ସଦା ଅଭ୍ୟାସଥିଲା ଅତି ନିଷ୍କାମ ଯେ ।
ଭକ୍ତିବନ୍ତ ସେ ଥିଲେ ମୁକ୍ତି ଲଭିଲେ । ଅକସ୍ମାତେ ସେ ସ୍ୱର୍ଗଧାମେ ଗଲେ
ଯେ । ୨୬ । ଜଳଙ୍କାରଣ କେତେ ଦେବମନ୍ଦିର । ସ୍ତ୍ରାପି ଅନ୍ନଦାନ
ଦୁର୍ଭିକ୍ଷରେ ଅତି ଯେ । ପ୍ରଶଂସା ପାଇଥିଲେ ସରକାରରୁ । ସେ ଗୁଣ
ପାସୋର ନଯାଏ ମନରୁ ଯେ । ୨୭ । ବେଳ ଅବସାନରେ ଶ୍ରୀକ୍ଷେତ୍ର-
ବେଢ଼ । ଛଡ଼ିଦେଇ ସର୍ଯୀରେ ନଗର ପ୍ରାନ୍ତ ଯେ । ନବପ୍ରଭ ଗମନ
ଦର୍ଶି ଯାଉଛୁ । ଗୁଣ ସ୍ମରିଣ ଧୈର୍ଯ୍ୟ ଧରି ନୋହୁଛୁ ଯେ । ୨୮ ।
ଗଡ଼ରେ ଗ୍ରାଜଦାଣ୍ଡ କା ଲାଗି ଛେଡି । ମାଛ ପଥରେ ବାନ୍ଧ କା ଲାଗି
ବାଡ ଯେ । ବଗିଚ୍ଚ ଗଛଲଗା କଏ ଦେଖିବ । ଗଡ୍ଡଣଦେଲେ ଶୋଭା
କଏ ଦର୍ଶିବ ଯେ । ୨୯ । କା ଲାଗି ଲଗାଇବା ଫୁଲଗଛକୁ । ନବ

କେ ଅଣାଇବେ ବନ ଫୁଲକୁ ଯେ । ନାନାପ୍ରକାରରେ ପୁଷ୍ପ ଗନ୍ଧାଦି
ଧରି । କୋଠୋରୀ କେ ପୂଜିବ ମୁରାରୀ ତହିଁ ଯେ । ୩୦ । ଝିଅଙ୍କୁ
ରାଗ ଦେଖି କ୍ଷଣକେ ଶାନ୍ତ । ଭକ୍ତି ଭାବନା କରିବାରେ ଯତ୍ନ ଯେ ।
ସଦା ଶ୍ରୀକୃଷ୍ଣ ନାମେ ଅତି ଆନନ୍ଦ । ଥିବା ଯା କାହିଁ ନ କେହି ତାଙ୍କ
ସମ୍ବାଦ । ୩୧ । ରାଜକାର୍ଯ୍ୟକୁ ସଦା ତୁଚ୍ଛ ଜ୍ଞାନରେ । ଶାସ୍ତ୍ର ଆଲୋଚନା
ବୈଷ୍ଣବ ସେବାରେ ଯେ । ସମସ୍ତ ମାୟା ମିଥ୍ୟା ହେବ ଯହାରେ । କାହିଁ
ଦିନ କାଟନ୍ତି ଧର୍ମ ଚର୍ଚ୍ଚାରେ ଯେ । ୩୨ । ଛତିଶ ବରଷ ଆୟୁ ବଞ୍ଚିଣ
ଥିଲେ । ଯୁବରାଜଟି ପାଉଥାନ୍ତେ ନର୍ମଳେ ଯେ । ପିତୃଶୂନ୍ୟ କରିଣ
କଷଣ ଦେଇ । ସ୍ୱର୍ଗଧାମେ ଗଲେ ଛାଡ଼ି ଏ ମହୀ ଯେ । ୩୩ । ଅଜ୍ଞାନ
ବାଳକଙ୍କୁ ଅଟଳେ ଛାଡ଼ି । କାଳ କବଳ ବଳ ନ ପାରି ଏଡ଼ି ଯେ ।
ବେନରାଣୀଙ୍କି ଶୋକଜଳେ ବୁଡାଇ । ଦେଇଣ ରାଜ୍ୟଗଲେ କଷ୍ଟେ
ମଜ୍ଜାଇ ଯେ । ୩୪ । ରାଜ୍ୟର ଶିରୀ ଏବେ ତୁଟି ଯାଉଛି । ପ୍ରଭୁଙ୍କଠାରେ
ଏହା ଜଣାଉଁ ଅଛି ଯେ । ଅଜ୍ଞାନ ଯୁବରାଜ ପୂର୍ଣ୍ଣଚନ୍ଦ୍ରଙ୍କୁ । ଦୀର୍ଘାୟୁ
ଦାନେ ରକ୍ଷା କରିବେ ତାଙ୍କୁ ଯେ । ୩୫ । ଏ ତତ୍ତ୍ୱମଣି ମାତା କେତେ
ପୁଣ୍ୟଙ୍କୁ । ଚନ୍ଦ୍ରକରଣ ହରିନେଇ ତାହାଙ୍କୁ ଯେ । ଥିବା ଯେପରି ମାୟା-
ବଳରେ ଟାଣି । ନେଲେ ଗୁଣଗଣରେ ସେ ନରମଣି ଯେ । ୩୬ ।
ଯେମ୍ପ ଏକଷଠୀ ବରଷ ହେଲ । ରାଜତ୍ୱ କାଳ ଶେଷ ଅଛି ସରିଗ
ଯେ । ସଦାକାଳରେ ଶାନ୍ତ ବାଳକସମ । ସରଳ ସ୍ୱଭାବରେ କାଳ
କାଟନ୍ତି ଯେ । ୩୭ । କେତେ ବନ ଭ୍ରମଣ କେତେ ଭଜନ । କେତେ
କୌତୁକ କେତେ ରହସ୍ୟପୂର୍ଣ୍ଣ ଯେ । କେତେ କାବ୍ୟ ନାଟକ କେତେ
ପୁରାଣ । କେତେ ବୈଦ୍ୟ ବୃତ୍ତିକୁ ଥିଲେ ସାଧିଣ ଯେ । ୩୮ । ସହିତେ
ଧନୁର୍ବିଦ୍ୟା ସାଧନା ଅନେକେ । ଅସ୍ତ୍ର ଶସ୍ତ୍ରାଦି ବ୍ୟବହାର ସବୁରେ ଯେ ।
ଜାଣି ଶିଖାଉଥିଲେ ଯତନ କରି । ସବୁ ସରଦାରଙ୍କୁ ପ୍ରଭୁ ଶିକ୍ଷା ଯେ ।
କେହି ଜାଣି ନ ଥିଲେ ଆମ୍ଭର ରାଜା । ଅଚିରେ ଗୁଳିଯିବେ ଉଡ଼ାଇ
ଧ୍ୱଜା ଯେ । ବିଧାତା ବିଧାନକୁ ଭାବି ସୁଜ୍ଞାନ । ହିଜଯାଜକଣ ଅଛି
ଯୋଡ଼େ ଅଜ୍ଞାନ ଯେ । ୪୦ । ବଡ଼ଯାତ୍ରୀ ଛେରାପହରା ଶୁଭ ଯାଉଛି ।

ତାହା ଚଳନ୍ତା ବଳେ ଦୁଃଖ ନେଇଚନ୍ତି ଯେ । ବଣ୍ଟୁଙ୍କ ପାଦପଦ୍ମମୂଳ ଛାଡ଼ି । ବାଶୀରେ ନୌକାପଥେ ପଡ଼ିଲ୍ଲ ବାଡ଼ ଯେ । ୪୧ । ସପ୍ତପୁରେ ପିଠା ଭୋଜ କେ ଦେବ । ସର୍ବଦା ତୀର୍ଥେ ଧର୍ମ ସ୍ଥାପିବ ଯେ । ଅଧିକ ଦାନ ଭୋଜ ବସ୍ତ୍ର ଭୋଜନ । ପ୍ରଦାନ କେ କରିବ ହୋଇଲ୍ଲ ଶୂନ୍ୟ ଯେ । ୪୨ । ତାଙ୍କାଧୀନରେ ରହି ଅନେକକାଳ । ଏବେ ଭାବି ଭୂମ୍ଭଙ୍କୁ କେହି କି ଫଳ ଯେ । ଅନବରତ ଝରେ ନେତ୍ରଯୁଗଳୁଁ । ଧାରଣର ଯାଉନାହିଁ କାହାମନରୁ ଯେ । ୪୩ । ଶ୍ରୀ ରେବତୀପୁର ଅନ୍ଧାର ହେଲ । ସବୁ ଦମ୍ପତୀ ଭାଙ୍ଗିପଡ଼ିଲ୍ଲ ଯେ । ଛାଡ଼ିଣ କାହାକୁ ଗୃହଁ କରତା ସୁଖ । ସବୁ ସରଲ୍ଲ ଏବେ ବଢ଼ିଲ୍ଲ ଦୁଃଖ ଯେ । ୪୪ । ନହେଁ ଧାଇ ସଂସାର ଅଟେ ଅସାର । ବିଧାତା ଲେଖଣଙ୍କୁ ବଳ କାହାର ଯେ । ସକଳେ ଯିବେ କେହି ରହିବେ ନାହିଁ । ବୃଥା ଭାବନା ମାୟା ବଶେ ଭୁଲିଲ ଯେ । ୪୫ । ସ୍ୱାମୀହୀନା ଶ୍ରୀମତୀ ରାଣୀମାନଙ୍କୁ । କି ବୁଝାଇ ସାନ୍ତ୍ୱନା କେ ଦେବ ତାଙ୍କୁ ଯେ । ମାୟାସଂସାର ଭାବି ହୃଦରେ ବୁଝି । ଦୁଃଖକୁ ସହି କଷ୍ଟେ ରହିବେ ମଞ୍ଚି ଯେ । ୪୬ । ଅନିତ୍ୟ ଅଟେ ସବୁ ନୁହଇ ସ୍ଥିର । ମିଥ୍ୟା ସଂସାରେ କେହି ନୁହେଁ କାହାର ଯେ । ରାଜ୍ୟ ସମ୍ପଦ ଜନ୍ତୁ ସଙ୍ଗେ ନନେଇ । ଛାଡ଼ିଯିବେ ସକଳେ ତ୍ୟଜି ଦେହା ଯେ । ୪୭ । ପ୍ରଭୁ କୃପା କରନ୍ତୁ ନବରାଜାଙ୍କୁ । ରାଜମାତା ସହ ଶାନ୍ତି ଦିଅନ୍ତୁ ତାଙ୍କୁ ଯେ । ସ୍ୱର୍ଗୀୟ ରାଜା ମୁକ୍ତି ଅମରଧାମେ ଲଭନ୍ତୁ । ଚନ୍ଦ୍ରମଣି ଭଣେ ଏ ମର୍ମେ ଯେ । ୪୮ । ଷୋଡ଼ଶବର୍ଷ ରାଜ୍ୟ ପାଳନ-କରି । ଶୂନ୍ୟେ ମିଶିଲେ ଶୂନ୍ୟ ହେଲୁ ଅଧି ଯେ । ଦାଶରଥିଙ୍କ ନାମ ମାଳ ଗଳାରେ । ଲମ୍ଭାଇ ଥିବ ଶରୀର ଶେଷକାଳରେ ଯେ । ୪୯ । ଇତି ସ୍ୱର୍ଗୀୟ ରାଜା ଦାଶରଥି ଧୀର ଶରବର ହରିଚନ୍ଦନ ମହାପାତ୍ର । ଙ୍କ । ବଳରାମପୁରଙ୍କ ପରଲୋକଗତ ସ୍ମରଣମାଳା

—:(o):—

।। ସମାପ୍ତ ।।

ଶ୍ରୀ ଅଜୟ କୁମାର ଘୋଷଙ୍କ ଦ୍ୱାରା ମୁଦ୍ରିତ ।

ଶ୍ରୀ ଷ୍ଟାନାର୍ଡ ପ୍ରେସ, ବାଖରାବାଦ,

କଟକ ।

୧୯୨୭